ଦୁର୍ଯ୍ୟୋଧନ ଆଜ୍ଞାରେ ପୁରୋଚନର ବାରୁଣାବନ୍ତଗମନ
ରାଜାର ଆଗ୍ୟାଂ ସେ ପାଇଣ ପୁରଞ୍ଜନ
ବାରୁଣାବନ୍ତକୁ ସେ ଚଳଇ ବହନ ।୧ ।
ଆଷାଢ଼ ମାସ ବିଷ୍ଟି ଯେ ପୂର୍ଣ୍ଣୀମୀର ଦିନ
ଉତ୍ତରାଷାଢା ନକ୍ଷତ୍ର ଯେ ଧନୁ ବିଦ୍ୟମାନ ।୨ ।
ସେ ଦିନ ପୁରଞ୍ଜନ ଯେ ବାରୁଣାବନ୍ତ ଗଲା
ଯୁଝେଷ୍ଠିଙ୍କ ସନ୍ନିଧ୍ୟେ ଯାଇ ପ୍ରବେଶ ହୋଇଲା ।୩ ।
ବ୍ରାହ୍ମଣକୁ ଦେଖିଣ ଯେ ପଚାରନ୍ତି ଦେବୀ କୋନ୍ତେ
କେବଣ କାର୍ଯ୍ୟେ ବିପ୍ର ଅଇଲ କାହିଂର ନିମନ୍ତେ ।୪ ।
ବ୍ରାହ୍ମଣ ବୋଇଲା ଶୁଣ ଭୋଜର କୁମାରୀ
ତୁମ୍ଭେ ଯେ ଦୁଖ ପାଉଅଛ ପାକ ବଚନ କରି ।୫ ।
ମୁହିଂ ବଲ୍ଲଭ ଜାଣଇ ରାନ୍ଧଣା ବିଧାନ
ପାକ ରଞ୍ଜନ କରି ମୁଂ ଦେଉଥିବି ପ୍ରତିଦିନ ।୬ ।
---------------------------

୬ { ମୁହିଂ ବଲ୍ଲଭ ପଣେ ଅଟଇ ସୁପକାର
{ ପୁରଞ୍ଜନ ନାମଟି ଅଟଇ ମୋହୋର ।
୩୦ ।୧ ଅନ୍ତର୍ଦ୍ଧାନେ ଗଲେ - ସେଠାରୁ ଦୂର ହେଲେ ।

ପୁରଞ୍ଜନ ବୋଇଲା ଧୃତରାଷ୍ଟ ବୋଲି ଯେବଣ ରାୟେ
ତୁମ୍ଭର ଚିନ୍ତାକୁ ତାର ଅନୁବ୍ରତେ ଧ୍ୟାୟେ ।୭ ।
ତାହାର ପୁତ୍ରଙ୍କୁ ନାହିଂ ତାହାଙ୍କର ଚିନ୍ତା
ଅନୁବ୍ରତେ ଧରଇ ସେ ପଞ୍ଚ ପୁତ୍ରଙ୍କର କଥା ।୮ ।
ପୁରଞ୍ଜନ ବଚନ ଶୁଣି ବୋଲନ୍ତି ଯୁଝେଷ୍ଠିର
ସହଦେବଙ୍କୁ ହକାରି ୟେକାନ୍ତେ ନୃପବର ।୯ ।
ବ୍ରାହ୍ମଣ ଚରିତ୍ର ତୁ କେମନ୍ତ ପ୍ରାୟେ ମଣୁ
ତୁ ଯେ ବିତକ୍ଷଣ ବାବୁ ସବୁ କଥା ଜାଣୁ ।୧୦ ।
ସହଦେବ ବୋଇଲା ଦେବ ଉତ୍ତର କୋଶଳେ
ଗ୍ୟାନପୁର ନଗ୍ର ବୋଲି ଗଙ୍ଗା ନଦୀ କୂଳେ ।୧୧ ।
ନଉ ସହସ୍ର ଷାଠିୟେ ଘର ତହିଂ ଯେ ବସଇ
ସମସ୍ତେହେଂ କୁଗ୍ୟାନୀ ନାଶ କରଇ ମନୁଷ୍ୟଇଂ ।୧୨ ।
ତହିଂର ମହାଜନ ୟେ ଅଟଇ ଶାସେନୀ
ପାପ ପ୍ରକୃତିଦେବ ଅଟଇ କୁଗ୍ୟାନୀ ।୧୩ ।
ଗଉଡିଆ ଗୋଖର ୟେ ଅଟଇ ମନ୍ଦ ବାଟି
ଘର ଭିଆଇଲା ଯେ ଜଉ ସଜଳସ ଗୁଆଘୃତ ଛଣପଟି ।୧୪ ।
ଭୀମସେନ ଠାକୁରଙ୍କୁ ୟେଟି ଦିଲା ବିଷ ଲଡୁ
ୟେବେ ଆମ୍ଭନ୍ତ ୟେ ନାଶ କରିବ ନେଇଣ ବିଷ ଯୋଗାଡୁ ।୧୫ ।
ୟୁଝେଷ୍ଠି ବୋଇଲେ ରହ ରହ ରେ ସହଦେବ
ଭୀମସେନ ଜାଣିଲେ ଏହାକୁ ପ୍ରାଣେ ନାଶ କରିବ ।୧୬ ।
ସବ୍ୟ ହୋଉ କି ଅସବ୍ୟ ହୋଉ ଅଟଇ ବ୍ରାହ୍ମଣ
ଅଥର୍ବବେଦୀ ୟେ ବହଇ ବିପ୍ର ଲକ୍ଷଣ ।୧୭ ।
ୟେହାର ପାପେ ହୋ ନାଶ ଯାଉ ୟେହି
ବ୍ରହ୍ମହତ୍ୟା ଦୋଷ ନ ଲାଗୁ ଆମ୍ଭକଇଂ ।୧୮ ।
ମୋହୋର ଶପତ ବାବୁ ସଂରକ୍ଷଣ କର ଗର୍ଭେ
କଦାଚ୍ଚିତେ ନ କହିବୁଟି ଭୀମସେନର ଆଗେ ।୧୯ ।

----------------------

୧୩।୨ ଯାଗ ପାଗ ପ୍ରତିପାଳ ଯେ ଅଟଇ କୁଗ୍ୟାନୀ ।

ଯୁଝେଷ୍ଠି ବୋଇଲେ ହୋ ଶୁଣିମା ପଣ୍ଡାୟେ
ତୁମ୍ଭନ୍ତ ହକାରି ଯେବେ ପେଷିଲେ ପିତାୟେ ।୨୦।
ଆଦିହୁଂ ଜାତ ହୋଇଲୁ ଶତଶିଂଗ ପର୍ବତେ
ବନ ଫଳ ଭୁଞ୍ଜୁ ଆମ୍ଭେ ଥାଉଂ ଯେ ବନସ୍ତେ ।୨୧ ।
ବନସ୍ତହୁଂ ଏବେ ଆମ୍ଭର ସେହି ସେ ପ୍ରକୃତି
ଅନ୍ନ ମେଞ୍ଜନେ ଆମ୍ଭେ ନୋହୁ ନା ତ୍ରିପୁତି ।୨୨।
ପିତା ଯେବେ ପେଷିଲେ ତୁମ୍ଭେ ଥାଅ ଆମ୍ଭ ତୁଲେ
ଅନ୍ନ ପାଞ୍ଚନ କରି ଦେବ ଆମ୍ଭର ଇଛା ଯେ ହୋଇଲେ ।୨୩-୬୨୧୪।

****************